## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ

# 'ପରିବର୍ତ୍ତିତ ଜଳବାୟୁ ବିଶ୍ୱ ପାଇଁ ସତର୍କ ଘଣ୍ଟି'




ସାକ୍ଷୀଗୋପାଳ,୫।୬(ସମିସ)

ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀ, ପୁରୀ ସୁରକ୍ଷା ପରିଷଦ ଓ ଲତା ଚାରିଟେବୁଲ ଟ୍ରଷ୍ଟ ସହାଭାଗିତାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ ଠାରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ସପ୍ତାହବ୍ୟାପି ଜିଲ୍ଲାର ବିଭିନ୍ନ ସ୍ଥାନ ଯଥା ପୁରୀ, କାକଟପୁର, ଅସ୍ତରଙ୍ଗ, ବ୍ରହ୍ମଗିରି, ଗୋପ, ନିମାପଡ଼ାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶେଷରେ ସତ୍ୟବାଦୀଠାରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ସ୍ୱାମୀ ନିର୍ମଳା ନନ୍ଦ ଗିରି ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସେ କହିଥିଲେ ଯେ ବିଶ୍ୱରେ ଯେଉଁଭଳି ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ହେଉଛି, ତାହା ବିଶ୍ୱ ପାଇଁ ସତର୍କ ଘଣ୍ଟି। ଏହି ଅବସରରେ ପରିବେଶକୁ ସୁରକ୍ଷା କରିବା ସହିତ ବୃକ୍ଷ ରୋପଣକୁ ଗୁରୁତ୍ୱ ଦେବା ଆଜିର ଆହ୍ୱାନ ବୋଲି ମଧ୍ୟ କହିଥିଲେ। କେବଳ ଗ୍ରୀଷ୍ମ ଋତୁକୁ ଛାଡ଼ିଦେଲେ ଅନ୍ୟ ସବୁ ଋତୁରେ ବାଡ଼ି ବଗିଚା, ବିଦ୍ୟାଳୟ ଓ ପାର୍କ ଆଦି ସ୍ଥାନମାନଙ୍କରେ ବୃକ୍ଷ ରୋପଣ କରିବା ସହିତ ଆମ ମାତୃଭାଷା ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଏକାଠି ହେବା। ମୁଖ୍ୟବକ୍ତା ଭାବେ ଉଦ୍ଭିଦ ବିଜ୍ଞାନର ପ୍ରଫେସର ଡକ୍ଟର ଅଭିମନ୍ୟୁ ଭୂୟାଁ ଯୋଗଦେଇ କହିଲେ ପରିବେଶ ବିଗିଡ଼ିବାରେ କେବଳ ଆମେ ହିଁ ଦାୟୀ। ଆମେ କେବେ ବି ଆମ ପରିବେଶ ପ୍ରତି ସଚେତନ ହେଉ ନଥିବା ଯୋଗୁଁ ପରିବେଶ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଦକ୍ଷିଣ ମେରୁରେ ଯେଉଁ ବରଫ ତରଳିବାରେ ଲାଗିଲାଣି ତାହା ଜଳରୂପ ଧାରଣ କଲେ ବିଶ୍ୱରେ ଜଳ ପ୍ରଳୟ ସୃଷ୍ଟି ହେବାର ଆଶଙ୍କା ରହିଛି। ଏଥିପାଇଁ ବିଶ୍ୱ ସ୍ତରରେ ପରିବେଶ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଓ ବୃକ୍ଷ ରୋପଣ ଅନିବାର୍ଯ୍ୟ। ବିଶିଷ୍ଟ ଅତିଥିଭାବେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥିଭାବେ ଡକ୍ଟର କାର୍ତ୍ତିକ କୁମାର ଦାସ, ଲତା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଲତା ଦାସ, ସଂଯୋଜିକା ଡକ୍ଟର ଲିପିକା ନାୟକ ଓ ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରୀ ସୁରକ୍ଷା ପରିଷଦ ପକ୍ଷରୁ କୁଳପତି ଡକ୍ଟର ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିବା ବେଳେ ପରିବେଶ ବିତ ଦୟାନିଧି ତ୍ରିପାଠୀ, ପ୍ରତିଭା ଦାସ, ସନ୍ତୋଷ କୁମାର ବେହେରା, ସୁଦର୍ଶନ ପ୍ରଧାନ, ପ୍ରଦୀପ କୁମାର ନାୟକ, ପ୍ରଶାନ୍ତି ମିଶ୍ର, ଜ୍ୟୋତିର୍ମୟୀ ରାୟ ପ୍ରୀତମ, ଭାସ୍କର ନାୟକ, ପଠାଣି ଜେନା ଓ ଜୁପିଟର ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଆୟୋଜକ ସମିତିର ଅଧ୍ୟକ୍ଷ ବିନୟ ନୃସିଂହ ମହାପାତ୍ର ପ୍ରାରମ୍ଭରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ଆଦିତ୍ୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ତପନ କୁମାର ସେଠୀ। ପରିଶେଷରେ ସତ୍ୟବାଦୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରିଛକରେ ବିଶ୍ୱ ପରିବେଶ ଦିବସ



ଚାରିଛକ: ଚାରିଛକ ନିକଟସ୍ଥ ରତନପୁର ଗ୍ରାମପଞ୍ଚାୟତର ବନମାଳୀପୁର ଶ୍ମଶାନ ଘାଟ ପରିସରରେ ବୃକ୍ଷ ରୋପଣ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର କେଦାରନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଅର୍ଜୁନ, ଅଶୋକ, ବେଲ, ଗଙ୍ଗଶିଉଳି, ଶିଶୁ, ବ୍ରାହ୍ମୀ, ଜୁଆଣି, ଅଶ୍ୱଗନ୍ଧା, ତେଜପତ୍ର, ଡାଲଚିନି, ପିପ୍ପଳି, ବଉଳ, ଉଦମ୍ବର, ଗୋଖରା, ନଡ଼ିଆ, ଗୁଆ, ଓଲଟ ଦେବଦାରୁ, କୃଷ୍ଣଚୂଡ଼ା, ରାଧାଚୂଡ଼ା, କାଠ ବାଦାମ, ବେଲ, ଅଶୋକା ପ୍ରଭୃତି ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭ୍ୟ ସୁରେଶ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବେହେରା, ପ୍ରଶାନ୍ତ କଟିକିଆ, ମଡିଆ ଭୋଇ, ଚୈତନ୍ୟ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଚାରିଛକ ପ୍ରେସ କ୍ଲବ ତରଫରୁ ସ୍ଥାନୀୟ ସଭା ମଣ୍ଡପ ଓ ମା ବୁଢ଼ୀ ଠାକୁରାଣୀଙ୍କ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବିଭିନ୍ନ କିସମର ଫଳ ଫୁଲ ବୃକ୍ଷ ଯଥା ଆମ୍ବ, ପଣସ, ନିମ୍ବ, କନିୟର, କରଞ୍ଜ,




କଦମ, ପେସ୍ତାବାଦାମ, ଦେବଦାରୁ ଓ ନଡିଆ ଆଦି ବୃକ୍ଷର ଚାରା ରୋପଣ କରାଯାଇଥିଲା। ଏଥିରେ ସଭାପତି ପ୍ରଫୁଲ୍ଲ କର,ସମ୍ପାଦକ ଡ. କେଦାରନାଥ ସାହୁ,କାର୍ଯ୍ୟକାରୀ ସଭାପତି ଶିଶିର ସ୍ୱାଇଁ, ସଂଗଠନ ସମ୍ପାଦକ ବିଜୟ ବେହେରା, ଉପ ସଭାପତି ବସନ୍ତ ଦାସ,ସହ ସମ୍ପାଦକ ସନ୍ତୋଷ ଦାସ,ସୁବାସ ସାହୁ, ସନ୍ତୋଷ ଦାଶ, ସୌମ୍ୟ ରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ ସାହୁ, ବସନ୍ତ ମଲ୍ଲ, ପ୍ରଶାନ୍ତ ସାହୁ, ରାଜେଶ ଲେଙ୍କା, ଉପଦେଷ୍ଟା କାହ୍ନୁ ଚରଣ ବେହେରା, ପ୍ରଫେସର ଗୋପୀନାଥ କର, . ସନ୍ତୋଷ ମିତ୍ର, ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କୃଷ୍ଣ ଚନ୍ଦ୍ର ରାଉତ, ଅଧୀନ ପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଛନ୍ତି।

### ● ସରକାରୀ ଖାତାକୁ ଯିବ ୧୦୦ ଏକର ଜମି

## ଚକବନ୍ଦୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ନିମାପଡା,୫।୬(ସମିସ): ନିମାପଡ଼ା ତହସିଲ ଅଧୀନ ଅଣ୍ଡିଆ ମୋଜାର ୮ଟି ଖାତାର ଜମି ସରକାରୀ ଖାତାକୁ ଚାଲିଯିବା ହେତୁ ଶତାଧିକ ଲୋକ ଶୁକ୍ରବାର ନିମାପଡ଼ା ଚକବନ୍ଦୀ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ ଖାତାକୁ ଚାଲିଯାଇଥିବା ଖାତା ଗୁଡିକ ହେଲା ୫୦୭,୫୦୮,୫୩୬, ୭୬,୬୩୫,୪୦,୬୭ ଓ ୫୦୬। ଉପରୋକ୍ତ ଖାତାରେ ଥିବା ୧୦୦ଏକର ଜମିରେ ପ୍ରାୟ ୧ହଜାର ଲୋକ ସ୍ଥାୟୀ ଭାବରେ ଘର ଦ୍ୱାର କରି ବସବାସ କରୁଛନ୍ତି। ଦୀର୍ଘ ୪୦ବର୍ଷ ହେବ ଲୋକମାନେ ଉକ୍ତ ଖାତାରେ ପ୍ଲଟ ଗୁଡିକୁ ରେଜେଷ୍ଟ୍ରୀକରି ମ୍ୟୁଟେସନ ସାଙ୍ଗକୁ ଘରବାରି କରିବା ସହିତ ଅନେକ ଲୋକ ପଟ୍ଟା ମଧ୍ୟ ପାଇସାରିଛନ୍ତି। ୧୯୨୭ -୨୮ ମସିହାର ଉକ୍ତ ମୌଜାର ଫାଇନାଲ ସେଟଲମେଣ୍ଟ କରାଯାଇ ପଟ୍ଟା ବଣ୍ଟନ କରାଯାଇଥିଲା। ତପ୍ରେ ୧୯୬୨ ମସିହାରେ ଚକବନ୍ଦୀରେ ଲୋକମାନଙ୍କ ନାମରେ ରେକର୍ଡ ପ୍ରସ୍ତୁତ କରାଯାଇଥିଲା। ହଠାତ ୨୦୧୧ ମସିହାରେ ସ୍ଥାନୀୟ ତହସିଲଦାର ଉକ୍ତ ଖାତା ଗୁଡିକ ସରକାରୀ ଖାତାକୁ ନେବାପାଇଁ ସୁପାରିସ କରିଦେଇଥିଲେ। ସେବେଠାରୁ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢ଼ିଯାଇଛି। ହଜାର ହଜାର ସଂଖ୍ୟାର ଲୋକମାନେ ଏବେ ଭିଟାମାଟି ପାଇଁ ଲଢେଇ ଜାରୀ ରଖିଛନ୍ତି । ସ୍ଥାନୀୟ ଚକବନ୍ଦୀ କାର୍ଯ୍ୟାଳୟ ଲୋକମାନଙ୍କୁ ସାର୍ଟିଫାଏ ନକଲ ମଧ୍ୟ ପ୍ରଦାନ କରୁନାହିଁ। ଯାହା ବିରୋଧରେ ସମସ୍ତ ଲୋକ ଆଜି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ରାଜସ୍ୱ ସଚିବ, ପୁରୀ ଜିଲ୍ଲାପାଳଙ୍କୁ ପତ୍ର ଯୋଗେ ଗୁହାରୀ କରିଛନ୍ତି। ସେମାନଙ୍କ ଜମିକୁ ସ୍ଥାୟୀ କରିବା ସହିତ ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ବ୍ୟାପକ କ୍ଷତି; ଗାଈ ମୃତ

ବ୍ରହ୍ମଗିରି,୫।୬(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ସାନବନ୍ଧକେରା ଗ୍ରାମରେ ଶୁକ୍ରବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି



ବ୍ୟାପକ କ୍ଷୟକ୍ଷତି ଘଟିଛି। ଅଗ୍ନିକାଣ୍ଡରେ ଚାରି ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ଛାରଖାର ହୋଇଯାଇଛି। ଏଥିସହ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ଆହୁରି ଦୁଇଟି ଗାଈ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭୋର ସମୟରେ ହଠାତ୍ ନିଆଁ ଲାଗିଥିଲା। ଦେଖୁ ଦେଖୁ ନିଆଁ ଚାରିଆଡ଼େ ବ୍ୟାପି ଯାଇ ଚାରି ବଖରା ଘରକୁ କବଳିତ କରିଥିଲା। ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଅଗ୍ନିର ପ୍ରକୋପ ଯୋଗୁଁ ଘରଗୁଡ଼ିକୁ ରକ୍ଷା କରିବା ସମ୍ଭବ ହୋଇନଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଦରକାରୀ ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରୁଥିବା ବେଳେ ପୀଡ଼ିତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ଉଠିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ତଦନ୍ତ ଜାରି ରହିଛି।

## ଭରତଙ୍କ ପାଇଁ ସରକାରୀ ଯୋଜନା ସାତ ସପନ

ବଲଙ୍ଗା,୫।୬(ସମିସ): ଗରିବଙ୍କ ପାଇଁ ଯୋଜନା ପରେ ଯୋଜନା ହେଉଛି। ଭୂମିହୀନଙ୍କୁ ଭୂମି, ଆବାସ ଯୋଜନାରେ ଗୃହ ପ୍ରଭୃତି ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ବାସ୍ତବରେ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେହି ନାହିଁ। ଫଳରେ ଲୋକେ ଅଧିକାଂଶ ଯୋଜନାର ସୁଫଳ ପାଉନାହାନ୍ତି। ଯାହାର ଉଦାହରଣ ହେଉଛନ୍ତି ଭରତ ଦାସ। ପ୍ରାୟ ୬୫ ବର୍ଷ ତଳେ ସୁଦୂର ବୋଲଗଡ଼ରୁ ବାପା ବଳଭଦ୍ର ଦାସଙ୍କ ସହିତ ବଳଙ୍ଗା ଥାନା ବେରବୋଇ ଗ୍ରାମକୁ ବାରିକ ସେବା କରିବା ନିମନ୍ତେ ଆସିଥିଲେ ଭରତ। ଗ୍ରାମର ମଠ ସ୍ଥାନରେ କୁଡ଼ିଆ ଖଣ୍ଡିଏ କରି ବସବାସ କରୁଥିଲେ। ବାପାଙ୍କ ମୃତ୍ୟୁ ପରେ ମଠ ଜାଗାଟିକୁ ଛାଡ଼ିବାକୁ ପଡ଼ିଥିଲା। ସ୍ତ୍ରୀ ଓ ଗୋଟିଏ ପୁତ୍ରକୁ ଧରି ଭରତ ନିକଟସ୍ଥ କେନାଲ ବନ୍ଧ ତଳେ ସରୀସୃପ ଭରା ଜଙ୍ଗଲରେ ଏକ ଜରି କୁଡିଆ କରି ରହିଛନ୍ତି। ଦୀର୍ଘ ୧୫ ବର୍ଷ ତଳେ ଦୁର୍ବଳ ଆର୍ଥିକ ସ୍ଥିତି ଭିତିଭୂମି ସୁଦୃଢ଼ ନଥିବାରୁ ଗୋଟିଏ ମାତ୍ର ୨୨ ବର୍ଷର ଭେଣ୍ଡିଆ ପୁଅ ମାନସିକ ଭାରସାମ୍ୟ ହରାଇ ଆରପାରିକୁ ଚାଲିଗଲା। ସ୍ୱାମୀ ଓ ସ୍ତ୍ରୀ ଉଭୟ ଭାଙ୍ଗିପଡ଼ି ବେସାହାରା ହୋଇଗଲେ। ସ୍ତ୍ରୀ ରୋଗାକ୍ରାନ୍ତ ହେବା ସହିତ ଭରତ ଙ୍କର ମଧ୍ୟ ସାଇଟିକା ରୋଗ ବାହାରିବାରୁ ଆଉ ବହୁତ ସମୟ ଛିଡା ହୋଇ କିଛି କାମ ନକରି ପାରିବାରୁ ସେ କରିଥିବା କୈଳିକ ବୃତ୍ତି ଏକ ସେଲୁନ ମଧ୍ୟ ବନ୍ଦ ହୋଇଗଲା। ତାପରେ ଆର୍ଥିକ ପରିସ୍ଥିତି ଅତି ଜଟିଳ ହୋଇପଡ଼ିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ୧୦ କେଜି ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଏକ ହଜାର ଟଙ୍କା କୌଣସି ମତେ ବଞ୍ଚି ରହିବାର ଏକମାତ୍ର ରାହା। ଭୂମିହୀନଙ୍କୁ ସରକାରଙ୍କ ଭୂମି ପ୍ରଦାନ ଯୋଜନାରେ ଜିଲ୍ଲାପାଳଙ୍କ ଠାରୁ ତହସିଲଦାର, ବ୍ଲକ ଅଫିସ୍ ପର୍ଯ୍ୟନ୍ତ ଅନେକ ଥର ଦରଖାସ୍ତ



ଦେଲେ ମଧ୍ୟ ଜମି ଖଣ୍ଡିଏ ମିଳିବା ସମ୍ଭବପର ହୋଇପାରୁନାହିଁ। ନିଜସ୍ୱ ଭୂମି ନଥିବାରୁ ଆବାସ ଯୋଜନା ମିଳିବା ଦୂରର କଥା, ବିଜୁଳି କିମ୍ବା ପିଇବା ପାଣି ମଧ୍ୟ ମିଳିପାରିନାହିଁ। ଆଗକୁ ବର୍ଷା ଦିନ ଆସୁଥିବାବେଳେ ଏବେ ସାମାନ୍ୟ ବର୍ଷା ପବନରେ ବାରମ୍ବାର ଜରି କୁଡ଼ିଆଟି ଉଡ଼ିଯିବା ତାଙ୍କୁ ଅଧିକ କଷ୍ଟ ଦେଉଛି ବୋଲି କୁହନ୍ତି। ଏଭଳି ସ୍ଥିତିରେ ରୋଗିଣା ସ୍ତ୍ରୀକୁ ଧରି କେଉଁଆଡ଼େ ଯିବି ବୋଲି କୁହନ୍ତି ଭରତ।ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଓଳିଏ ଖାଇ ଓଳିଏ ଉପାସ ରହି ଭାଗ୍ୟକୁ ଆଦରି କେନାଲ ବନ୍ଧ ଜଙ୍ଗଲରେ ପଡ଼ିଛନ୍ତି ସ୍ୱାମୀ ଓ ସ୍ତ୍ରୀ। ଏକମାତ୍ର ପୋଷିଲା ପୁଅ ଆରପାରିକୁ ଗଲା ପରେ ଆଉ ଜୀବନରେ କିଛି ନାହିଁ ବୋଲି କୋହଭରା କଣ୍ଠରେ ପ୍ରକାଶ କରନ୍ତି ଭରତ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଶ୍ୱ ପରିବେଶ ଦିବସରେ ସଚେତନତା

ଗମ୍ଭାରୀପଦା,୫।୬(ସମିସ): କାକଟପୁର ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୬ଟି ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଓଥକା ପଞ୍ଚାୟତ ସରପଞ୍ଚ କୁନି ଲତା କାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଜସେବୀ ନିରଞ୍ଜନ



କାଣ୍ଡି, ପଞ୍ଚାୟତ ଅଧିକାରୀ ବିଶ୍ୱଜିତ ମହାରଣାଙ୍କ ସମେତ କେତେକ ସଚେତନ ନାଗରିକ ଯୋଗ ଦେଇଥିଲେ।

## ନିମ୍ନମାନର ନଳକୂପ ଯନ୍ତ୍ରାଂଶ ଓ ଭେଜାଲ ରଙ୍ଗ ବିକ୍ରି

ନୟାହାଟ,୫।୬(ସମିସ): ପ୍ରଶାସନ ପକ୍ଷରୁ ନୟାହାଟ ଓ ଯୋଗେଶ୍ୱରପୁର ଅଞ୍ଚଳରେ ଚଢ଼଼ଉ କରାଯାଉ ନଥିବାରୁ ଅସାଧୁ ବ୍ୟବସାୟୀମାନେ ନୂଆ ନୂଆ ଦୋକାନ ଖୋଲି ନିମ୍ନମାନର ନଳକୂପ ଯନ୍ତ୍ରାଂଶ ଓ ଭେଜାଲ ରଙ୍ଗ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ଓ ଯୋଗେଶ୍ୱରପୁର ବଜାରରେ କେତେକ ନୂଆକରି ଖୋଲିଥିବା ଦୋକାନରେ ନିମ୍ନମାନର ନଳକୂପ ଯନ୍ତ୍ରାଂଶ ଯଥା ରଡ୍, ପିଞ୍ଜରା, ସିଟିବଲ୍, ୱାସର, ଓରି ନାମରେ ବା ଖୋଳରେ ଦୁଇ ନମ୍ବର ପାଇପ ଭର୍ତ୍ତି କରି ବିକ୍ରି କରୁଛନ୍ତି। ଗ୍ରାହକମାନେ ଏହାକୁ କିଣି ହନ୍ତସନ୍ତ ହେଉଛନ୍ତି। ଅଳ୍ପଦିନରେ ନଳକୂପ ଖରାପ ହେଉଥିବାବେଳେ ଗ୍ରାହକ ଓ ଦୋକାନୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ଖବର ମିଳିଛି। ନାମୀଦାମୀ କମ୍ପାନୀର ରଙ୍ଗରେ ଦୁଇ ନମ୍ବର ରଙ୍ଗ ମିଶାଇ ବିକ୍ରି କରୁଛନ୍ତି କିଛି ବ୍ୟବସାୟୀ। ଗ୍ରାହକମାନେ ଏହାକୁ କିଣି ଘର କିମ୍ବା କାନ୍ଥରେ ରଙ୍ଗ ଦେବାପରେ ତାହା ଅଳ୍ପଦିନରେ ଫିକା ହେଉଛି ବା ଛାଡ଼ି ଯାଉଛି। ଯାହାକୁ ନେଇ ପ୍ରତିଷ୍ଠିତ କମ୍ପାନୀ ବଦନାମ ହେବା ସହ ଲୋକେ ନିମ୍ନମାନର ସାମଗ୍ରୀ କିଣି ହନ୍ତସନ୍ତ ହେଉଛନ୍ତି। ବଜାରରେ ଘର ଭଡ଼ା ନେଇ ରାସ୍ତା ଉପରେ ଜିନିଷ ରଖି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ନୂଆ ଦୋକାନ କରିଥିବା ଦୋକାନୀମାନେ ବିଶେଷ ଭାବେ ଏକ ନମ୍ବର ଖୋଳରେ ଦୁଇ ନମ୍ବର ଜିନିଷ ପୂରାଇ ଗ୍ରାହକମାନଙ୍କୁ ଠକୁଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ଚଢ଼ଉ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ



ଅସ୍ତରଙ୍ଗ,୫।୬(ସମିସ): ସାରା ବିଶ୍ୱରେ ଦିନକୁ ଦିନ ପରିବେଶ ସନ୍ତୁଳନ ବିଗୁଡୁଥିବାରୁ ତାହାକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେଥିପାଇଁ ଜୁନ୍ ମାସ ୫ ତାରିଖ ଦିନ ପାଳନ ହେଉଛି ବିଶ୍ୱ ପରିବେଶ ଦିବସ। ଏହି ଉପଲକ୍ଷେ ଅସ୍ତରଙ୍ଗ ବନ ବିଭାଗ ପକ୍ଷରୁ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର, ମେଗା ନର୍ସରୀ ଅସ୍ତରଙ୍ଗ ରେଞ୍ଜ, ଝାଡାଲିଙ୍ଗ ଉଚ୍ଚ ବିଦ୍ୟାଳୟ ରେ ରେଞ୍ଜ ଅଧିକାରିଣୀ ମୋନାଲିସା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭାଗର ସମସ୍ତ କର୍ମଚାରୀ, ଲୋକ ପ୍ରତିନିଧିମାନେ ସ୍ଥାନୀୟ ଜନ ସାଧାରଣଙ୍କୁ ବୃକ୍ଷ ରୋପଣ କରିବା ସହିତ କିପରି ବିଗୁଡୁ ଥିବା ପରିବେଶ କୁ ସୁରକ୍ଷିତ ରଖିବା ସହିତ ବେଳାଭୂମିକୁ ସ୍ୱଚ୍ଛ ସୁନ୍ଦର ଏବଂ ପୂରା ଅଞ୍ଚଳକୁ ପଲିଥିନ ମୁକ୍ତ କରିବା, ଗଛ ଲଗାଇ ବଢୁଥିବା ତାପମାତ୍ରାକୁ କମ୍ କରିପାରିବା, ଏମିତି ପରିବେଶ ସୁରକ୍ଷା ସମ୍ବନ୍ଧରେ ବିଭିନ୍ନ ପ୍ରକାର ଆଲୋଚନା ମାଧ୍ୟମରେ ଉପଦେଶ ଦେଇଥିଲେ।

## ବାର୍ହା ଆକ୍ରମଣରେ ୩ ଗୁରୁତର

ବ୍ରହ୍ମଗିରି, ୫।୬(ସମିସ): ଶୁକ୍ରବାର ବାର୍ହା ଆକ୍ରମଣରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ତାଙ୍କୁ ରେବଣା ନୂଆଗାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ଧରଣୀକୁଦି ପଞ୍ଚାୟତ ଯାଆଁଳା ଗ୍ରାମର ସମୁଲ୍ୟ ଜେନା (୫୫), କାହଳପଦା ପଞ୍ଚାୟତ ନଳକୁଦି ଗ୍ରାମର ଜୟନ୍ତ ଜେନା (୫୨) ଓ ବ୍ରହ୍ମଣିଆ ପଞ୍ଚାୟତ ସାନବ୍ରହ୍ମଣିଆ ଗ୍ରାମର ସୁଲେଇ ଦଳାଇ(୫୦) ସକାଳ ସମୟରେ ଘରର କିଛି କାମ କରୁଥିବା ବେଳେ ବାର୍ହା ଆକ୍ରମଣ କରିଥିଲା। ପ୍ରଥମେ ବାର୍ହାଟି ଯାଆଁଳା ଗ୍ରାମଦେଇ ନଳକୁଦି ପରେ ସାନବ୍ରହ୍ମଣିଆ ଗ୍ରାମରେ ଆକ୍ରମଣ କରି ନଦୀ ଭିତରେ ଥିବା ଦଳ ଭିତରେ ପଶି ଯାଇଥିଲା। ଏହି ତିନିଜଣଙ୍କର ଗୋଡ଼କୁ କାମୁଡି ଥିବା ଜଣାପଡିଛି। ଏବେ କିଛି ଦିନ ହେବ ବ୍ରହ୍ମଗିରିରେ ଜଙ୍ଗଲୀ ଜନ୍ତୁଙ୍କ ଉତ୍ପାତ ବଢ଼ି ଚାଲିଛି। ଖାଦ୍ୟର ଅଭାବ ଯୋଗୁଁ ସେମାନେ ଜନବସତି ଆଡ଼କୁ ମାଡ଼ିଆସୁଛନ୍ତି। ସେଗୁଡ଼ିକ ହିଂସ୍ର ହୋଇ ଏକୁଟିଆ ଲୋକଙ୍କୁ ପାଇଲେ ଆକ୍ରମଣ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏହି ସବୁ ହିଂସ୍ର ଜଙ୍ଗଲ ଜନ୍ତୁ ଉପରେ ନଜର ରଖିବା ପାଇଁ ସର୍ବସାଧାରଣରେ ଦାବି ହୋଇଛି।

## ଠାକୁରଙ୍କ ସ୍ଥାନରେ ଏକାଧିକ ମାଂସ ଦୋକାନ; ବନ୍ଦ ହେବ କେବେ

ନୟାହାଟ, ୫।୬(ସମିସ): ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି ବିନା ଲାଇସେନ୍ସରେ ମହାଦେବଙ୍କ ମନ୍ଦିର ଗେଟ୍ ନିକଟରେ ଏକାଧିକ ମାଂସ ଦୋକାନ ଖୋଲାଯାଇଛି। ଯାହାକି ଭକ୍ତ ମାନଙ୍କ ମନରେ ଆଘାତ ଦେଉଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଶିଙ୍ଗ ପାନିଆଁ ଗ୍ରାମର ବାସୁଦେବ ମନ୍ଦିର ଓ ଆଖଣ୍ଡଳମଣି ଶିବ ପୀଠକୁ ଯିବାର ରାସ୍ତା କଡ଼ରେ କୁକୁଡ଼ା ଓ ଛେଳି ହତ୍ୟା କରାଯାଉଥିବା ଲୋକଙ୍କ ଦୃଷ୍ଟିଗୋଚର ହେବାସହ ଠାକୁରଙ୍କ ନିକଟକୁ ଭୋଗ ପାଇଁ ବା ଦର୍ଶନ କରିବାକୁ ଯିବାବେଳେ ବେଆଇନ୍ ଭାବେ ଖୋଲାରେ ରାସ୍ତାକଡ଼ରେ କଟା ଯାଉଥିବା କୁକୁଡ଼ା ଓ ଛେଳି ବନ୍ଦ ପାଇଁ ପ୍ରତିବାଦ କରୁଥିଲେ ମଧ୍ୟ ଦୋକାନୀ ମାନେ କର୍ଣ୍ଣପାତ କରୁନାହାନ୍ତି। ପ୍ରକାଶ ଯେ, ଛେଳି ବା କୁକୁଡ଼ା ମାରିବା ପୂର୍ବରୁ ପଶୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ହେବା କଥା ରୁଗ୍ଣ ନା ଭଲ ଡାକ୍ତର ରିପୋର୍ଟ ଦେବାପରେ କରିବା କଥା। କୌଣସି ମାଂସ ଦୋକାନୀ ଏହି ନିୟମ ପାଳନ କରୁନଥିବା ବେଳେ ତାଙ୍କ ନିକଟରେ କୌଣସି ସାର୍ଟିଫିକେଟ ନାହିଁ। ଠାକୁରଙ୍କ ସ୍ଥାନରୁ ବେଆଇନ ମାଂସ ଦୋକାନ ଉଠାଇବା ପାଇଁ ନୟାହାଟର ବରିଷ୍ଠ ନାଗରିକ ମଞ୍ଚ ଓ ନୟାହାଟର ଆଞ୍ଚଳିକ ଉନ୍ନୟନ ସଂଘ ଦାବି କରିଛନ୍ତି।

## ଦୁର୍ଘଟଣାରେ ବଳଦ ମୃତ



ସାକ୍ଷୀଗୋପାଳ, ୫।୬(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କର ଶୁକଳ ବଜାର ନିକଟସ୍ଥ କଣ୍ଢେଇ ବଜାର ମଧ୍ୟରେ ଦ୍ରୁତ ଗତିରେ ଯାଉଥିବା ଏକ ମିନି ଟ୍ରକ ଏକ ବଳଦକୁ ଧକ୍କା ଦେଇଥିଲା। ବଳଦଟି ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ି ଯାଇଥିଲା। ସ୍ଥାନୀୟ ବାଣପୁର ଗ୍ରାମର ପ୍ରଳୟ କୁମାର ପ୍ରଧାନ ଓ ଆଲିଶ ଗ୍ରାମର ମାୟାଧର ପଣ୍ଡା ଆହତ ବଳଦର ପ୍ରାଥମିକ ଚିକିତ୍ସା କରାଇଥିଲେ। ମାତ୍ର ବଳଦଟିର ମୃତ୍ୟୁ ହୋଇଯାଇଥିଲା।

# ଦୟାନଦୀ ଖନନକୁ ନେଇ ପାର୍ଶ୍ୱବର୍ତ୍ତୀ ଜମି ମାଲିକ ଖପ୍ପା

କଣାସ,୫।୬(ସମିସ)

କଣାସ ବ୍ଲକ୍‌ରେ ପ୍ରବାହିତ ଦୟାନଦୀ କାଳକ୍ରମେ ପୋତି ହୋଇପଡ଼ିବାରୁ ବନ୍ୟା ସମୟରେ ବିଭୀଷିକା ସୃଷ୍ଟି କରି ପ୍ରତିବର୍ଷ ବହୁ ଧନଜୀବନ ନଷ୍ଟ ହେଉଛି। ଅଞ୍ଚଳବାସୀ ଦୟାନଦୀ ଖନନ ପାଇଁ ବାରମ୍ବାର ଆନ୍ଦୋଳନ କରିବା ପରେ ପୂର୍ବ ସରକାର ଦୟା ଓ ଲୁଣା ନଦୀ ଖୋଳିବା ପାଇଁ ୬୮ କୋଟି ଟଙ୍କା ମଞ୍ଜୁର କରିଥିଲେ। ବର୍ତ୍ତମାନ ସରକାର ଦୟା ନଦୀ ଖନନ ପାଇଁ ହାଇଦ୍ରାବାଦର ଜଣେ ଠିକାଦାରଙ୍କୁ ନିଯୁକ୍ତି କରିଥିଲେ। ନିଜେ ଦୟା



ନଦୀ ନ ଖୋଳି ଓଡ଼ିଶାର ଜଣେ ଠିକାଦାରଙ୍କୁ ଖୋଳିବା ପାଇଁ ଦାୟିତ୍ୱ ଦେଇଥିଲେ। ଏହି ଠିକାଦାର ନିଜେ ଖନନ ନ କରି ୪ଜଣ ଠିକାଦାରଙ୍କୁ ଦୟାନଦୀ ଖନନ ପାଇଁ ନିର୍ଦ୍ଦେଶ ଦେବାରୁ ଉକ୍ତ ଠିକାଦାରମାନେ ନଦୀ ଖନନ କାର୍ଯ୍ୟ ଚାଲୁ ଚାଲୁରଖିଛନ୍ତି। ନଦୀ ଖନନରେ ବ୍ୟାପକ ହରିଲୁଟ୍ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିବାବେଳେ ଦୁଇଟି ହିଟାଚି ମେସିନ ନଦୀର ଦୁଇ ପାଶ୍ୱର୍ରେ ମାଟି ଖୋଳିଥିବା ବେଳେ ନଦୀ ଦୁଇ ପାଶ୍ୱର୍ରେ ଥିବା ଜମିର ମାଲିକମାନେ ସେମାନଙ୍କ ଜମିକୁ ମାଡ଼ି ଖୋଳାଯାଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଣାସ ତହସିଲଦାର ହିମାଂଶୁ ଶେଖର ବିରିଙ୍କୁ ପଚାରିବାରୁ ସେ କୁହନ୍ତି ଯେ, ନଦୀଟି ଡ୍ରେନେଜ ବିଭାଗ ଅଧୀନରେ ହୋଇଥିବା ବେଳେ ଡ୍ରେନେଜ ବିଭାଗର କୌଣସି ଅଧିକାରୀ ମୋ ସହିତ ଯୋଗାଯୋଗ କରିନାହାନ୍ତି କିମ୍ବା ନଦୀ ଖୋଳିବା ପାଇଁ ମାପ ଚୁପ ହୋଇନାହିଁ। ନଦୀ ଖୋଳୁଥିବା ମେସିନ ନଦୀରୁ ଖୋଳୁଥିବା ମାଟି କୂଳରେ ରଖୁଥିବାରୁ ଅସରାଏ ବର୍ଷାହେଲେ ମାଟି ପୁଣି ନଦୀକୁ ପଶିବା ଆଶଙ୍କା ରହିଛି। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ସେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତ।

ସକାଳ
THE SAKALA



www.sakalaepaper.com

### ଡ୍ରେନେଜ୍ ଡିଭିଜନରେ ସାଂଘାତିକ କେଳେଙ୍କାରୀ

# ନଦୀ ଭିତରେ ଡ୍ରେନ୍ ଖୋଲି ୬୫ ଲକ୍ଷ ଚଳୁ

ନୟାଗଡ଼,୫ ।୬(ସମିସ)





ଡ୍ରେନେଜ୍ ଡିଭିଜନରେ ସାଂଘାତିକ କେଳେଙ୍କାରୀ। ନଦୀ ସଫେଇ ନାଁରେ ସରକାରୀ ଅର୍ଥ ସଫେଇ ହେଉଥିବା ଅଭିଯୋଗ। ଯନ୍ତ୍ରୀ ଓ ଠିକାଦାରଙ୍କ ମିଳିଭଗତରେ ଆତ୍ମସାତ ହୋଇଛି ୬୫ ଲକ୍ଷ ଟଙ୍କା। ବର୍ଷା ପୂର୍ବରୁ ବିଲ୍ ମଧ୍ୟ ପାସ୍ ହୋଇଯାଇଛି। କାମ ସରିବାର କିଛିଦିନ ମଧ୍ୟରେ ଲକ୍ଷାଧିକ ଟଙ୍କା ବିଲ୍ ହାତେଇ ନେଲେଣି ଠିକାଦାର। ନଦୀ ଭିତରେ ଡ୍ରେନ ଖୋଲି ଏଭଳି କେଳେଙ୍କାରୀ ହୋଇଥିବା ବେଳେ ଅସନ୍ତୋଷ ଜାହିର କରିଛନ୍ତି ଅଞ୍ଚଳର ଚାଷୀ।

ଖଣ୍ଡପଡ଼ା ବ୍ଲକ ଆମ୍ବନାଳ ଓ ସୁନ୍ଦରୀ ନାଳ ପୁନରୁଦ୍ଧାର ନିମନ୍ତେ ପ୍ରାୟ ୬୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରକଳ୍ପର ବାସ୍ତବ ସ୍ଥିତି ସ୍ଥାନୀୟ ଲୋକଙ୍କୁ ତାଜୁବ କରିଛି। କିଛିମାସ ତଳେ ଉକ୍ତ ପ୍ରକଳ୍ପ କାମ ହାତେଇଥିବା ଠିକାଦାର ନଦୀ ଗର୍ଭରେ ନାଳ ତିଆରି କରି ପାର୍ ହୋଇଛନ୍ତି। ଅତି ଚତୁରତାର ସହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅବବାହିକା ଅଞ୍ଚଳକୁ ସଫେଇ କରି ଟଙ୍କା ଚଳୁ କରାଯାଇଛି। ବନମାଳୀପୁର ପଞ୍ଚାୟତ ଆମ୍ବନାଳର ପୁନରୁଦ୍ଧାର ନିମନ୍ତେ ପ୍ରାୟ ୩୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଟେଣ୍ଡର ଜରିଆରେ ଦଶପଲ୍ଲାର ଠିକାଦାର ପ୍ରଶାନ୍ତ କୁମାର ଗୁରୁ କାମ ପାଇଥିଲେ। ପ୍ରଶାନ୍ତ କାମ ପାଇବା ପରେ ବିନେନ୍ଦ୍ର ବେହେରାଙ୍କୁ ଏହାକୁ ବିକ୍ରି କରି ଦେଇଛନ୍ତି। ବିନେନ୍ଦ୍ର ଉକ୍ତ କାମକୁ ସ୍ୱଚ୍ଛତାର ସହ କରିବା ପରିବର୍ତ୍ତେ ସ୍ଥାନୀୟ ଯନ୍ତ୍ରୀଙ୍କୁ ହାତକରି ଯେନତେନ ବିଲ୍ ଉଠାଣ କରିଥିବା ଅଭିଯୋଗ ହୋଇଛି। ମାତ୍ର ଆମ୍ବନାଳ ନିର୍ମାଣ ହୋଇଥିବା ଚେକଡ୍ୟାମ ପ୍ରକଳ୍ପ ଅବବାହିକା ଅଞ୍ଚଳକୁ ସଫେଇ କରି ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଚାଷୀ। ବର୍ଷା ସମୟରେ ଆମ୍ବନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଡ୍ରେନେଜ ବିଭାଗ ଦ୍ୱାରା କରାଯାଇଥିବା କାମ ତାଳିପକା ଭଳି ହୋଇଥିବା ଅଭିଯୋଗ ହୋଇଛି। ନଦୀ ମଧ୍ୟରେ କେଇ ଫୁଟ ଚଉଡ଼ାର ଡ୍ରେନ ଖୋଳା କାମ ଶେଷ କରାଯାଇଛି। ୧୬.୫ କିମି ଲମ୍ବ ସମ୍ପୂର୍ଣ୍ଣ ନଦୀକୁ ସଫା କରିବା ପରିବର୍ତ୍ତେ ନଦୀ ମଧ୍ୟରେ ଅଳ୍ପ ଚଉଡ଼ାର ଡ୍ରେନ ଖୋଳି ଅନିୟମିତତା କରାଯାଇଛି। ବର୍ଷା ଆସିଲେ ଉକ୍ତ ଡ୍ରେନ ମଧ୍ୟ ଭାସିଯିବା ଆଶଙ୍କା ରହିଛି। ଏଣୁ ବର୍ଷା ପୂର୍ବରୁ ବିଲ୍ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରାଯାଇଛି। ଅଦ୍ୟାବଧି ୩୪ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ବେଳେ ଫାଇନାଲ ବିଲ୍ ବାକିଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି।

ସମାନ ଦୃଶ୍ୟ ମଧ୍ୟ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମରେ ଥିବା ସୁନ୍ଦରୀ ନାଳରେ ଦେଖିବାକୁ ମିଳିଛି। କାମ ଆଳରେ ନାଳ ସଫେଇ କରି ଠିକସଂସ୍ଥା ଲକ୍ଷାଧିକ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳର ଚାଷୀ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସୂଚନା ମୁତାବକ ପ୍ରକଳ୍ପ କାମ ସରିଥିବା ବେଳେ ରନିଂ ବିଲ ଉଠାଇଛନ୍ତି ଠିକାଦାର। ଫଳରେ କାହା ସ୍ୱାର୍ଥରେ ବିଭାଗ କାମ କରୁଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ନିର୍ବାଚିତ ଜନପ୍ରତିନିଧି। ଏ ନେଇ ନୟାଗଡ଼ ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ବାରିକଙ୍କୁ ପଚାରିବାରେ, ଏଷ୍ଟିମେଟ୍ ଅନୁସାରେ କାମ କରାଯାଇଥିବା ସେ କହିଛନ୍ତି।

## ମାର୍କେଟ କମ୍ପ୍ଲେକ୍ସ ପାଲଟିଛି ଗୁହାଳ




ନୂଆଗାଁ,୫ ।୬(ସମିସ): ନୂଆଗାଁ ବ୍ଲକ ବାହାଡ଼ାଖୋଲା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ପାଲଟିଛି ଗୋରୁ ଗୁହାଳ। ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ବିକାଶ ସହିତ ବେକାରୀ ଦୂରୀକରଣ ଓ ପଞ୍ଚାୟତର ରୋଜଗାର ବଢ଼ାଇବା ଉଦ୍ଦେଶ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ମାର୍କେଟ କମ୍ପେଲକ୍ସ ନିର୍ମାଣ କରିଛନ୍ତି। ତେବେ ରକ୍ଷଣାବେକ୍ଷଣ ଅଭାବ ଓ ବଣ୍ଟନରେ ପାତରଅନ୍ତର ଯୋଗୁଁ କେଉଁଠି ଏହା ବନ୍ଦ ରହିଛି ତ କେଉଁଠି ଭୂତକୋଠି ପାଲଟିଛି। ଆଉ କୋଉଠି ଗୋରୁ ଗୁହାଳରେ ପରିଣତ ହୋଇଛି। ବାହାଡ଼ାଖୋଲା ପଞ୍ଚାୟତ ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଦଦରା ଅବସ୍ଥାରେ ପଡ଼ିରହିଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗୋରୁ ଏଠାରେ ଆଶ୍ରୟ ନେଉଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ନୟାଗଡ଼ କ୍ଲବ ତରଫରୁ ଚାରାରୋପଣ



ନୟାଗଡ଼,୫ ।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ନୟାଗଡ଼ ବ୍ଲକ ଜୟପୁର ଓ ସୁବର୍ଣ୍ଣଦେଇପୁରକୁ ସଂଯୋଗ କରୁଥିବା ରାସ୍ତାର ଦୁଇ ପାଶ୍ୱର୍ରେ ନୟାଗଡ଼ କ୍ଲବ ତରଫରୁ ଚାରାରୋପଣ କରାଯାଇଛି। କ୍ଲବ୍ ସଭାପତି ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ସଦସ୍ୟଙ୍କୁ ନେଇ ପ୍ରଥମେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବେଶ ପ୍ରଦୂଷଣ କିପରି ରୋକାଯାଇପାରିବ ଓ ଚାରାରୋପଣ କାହିଁକି ଓ କିପରି କରିବା ସେ ବିଷୟରେ ଆଲୋଚନା ହୋଇଥିଲା। କ୍ଲବର ବରିଷ୍ଠ ସଭ୍ୟ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ ଓ ଅବିନାଶ ସାହୁ ନିଜ ମତାମତ ରଖିଥିଲେ। ପରେ କ୍ଲବ ସମ୍ପାଦକ ଶ୍ରୀଧର ସାହୁଙ୍କ ନେତୃତ୍ୱରେ ରାସ୍ତାର ଦୁଇ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା।

## ବାରବାଟୀ ଗ୍ରାମବାସୀଙ୍କୁ ମିଳିଲା ପାନୀୟ ଜଳ

ଭାପୁର,୫ ।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ବାରବାଟୀ ଗ୍ରାମ ପମ୍ପହାଉସରେ ପଡ଼ିଥିବା ତାଲା ଓ ବେଆଇନ ଭାବେ ପାଣି ଶୋଷୁଥିବା କନେକ୍ସନକୁ ପୁଲିସ ଉପସ୍ଥିତିରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଭାଙ୍ଗିଦେଇଛି। ୧୦ ଦିନ ପରେ ଗ୍ରାମରେ ଜଳଯୋଗାଣ ସ୍ୱାଭାବିକ ହୋଇଛି। ଗ୍ରାମରେ ରହୁଥିବା ଦେଢ଼ ହଜାରରୁ ଅଧିକ ଲୋକଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ପମ୍ପହାଉସ ନିର୍ମାଣ ହୋଇ ଗ୍ରାମକୁ ପାନୀୟଜଳ ଯୋଗାଣ ହୋଇଆସୁଛି। ମାତ୍ର କିଛି ଅସାମାଜିକ ଓ ପ୍ରଭାବଶାଳୀ ବ୍ୟକ୍ତି ବେନିୟମ ଭାବେ ମୋଟର ଲଗାଇ ନିଜ ବଗିଚାକୁ ପାଣି ମଡ଼ାଉଥିବାରୁ ଜନସାଧାରଣ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଭାପୁର ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ଓ ବ୍ଲକରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗତ ମାସ ୨୭ ତାରିଖ ଉପରସାହିର ଲୋକମାନେ ପମ୍ପ ହାଉସରେ ତାଲା ପକାଇଥିଲେ। ସେବେଠାରୁ ଗ୍ରାମକୁ ଜଳଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା। ଗୁରୁବାର ବିଭାଗୀୟ ଯନ୍ତ୍ରୀ ନୃସିଂହ ଚରଣ ଦାସ ଓ କର୍ମଚାରୀମାନେ ପହଞ୍ଚି ବେନିୟମ କନେକ୍ସନ କାଟିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହେବାରୁ ପୁଲିସ ଉପସ୍ଥିତିରେ କନେକ୍ସନ ବନ୍ଦ କରାଯାଇ ଜଳଯୋଗାଣ ସ୍ୱାଭାବିକ କରାଯାଇଛି।

## ନିମ୍ନମାନର ରାସ୍ତା କାମ; ପ୍ରଶାସନର ନିରବତା

ରଣପୁର,୫ ।୬(ସମିସ): ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଆଦିବାସୀ ଅଧ୍ୟୁଷିତ ବନ୍ଧମୁଣ୍ଡା ପଞ୍ଚାୟତ ଭେଟବର ଡ୍ୟାମଠାରୁ ନାଥପୁର ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୭୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ଏହି କାମର ମାନକୁ ନେଇ ଏବେ ପ୍ରଶ୍ନ ଉଠିଛି। ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଗତ ୨୫ ଦିନ ଧରି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ବିଭାଗର ନିରବତା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଟେଣ୍ଡର ନିୟମକୁ ଉଲ୍ଲଂଘନ କରାଯାଇଥିବା ବେଳେ ରାସ୍ତାରେ ବ୍ୟବହୃତ ସାମଗ୍ରୀର ଗୁଣବତ୍ତା ଅତ୍ୟନ୍ତ ନିମ୍ନମାନର। ହାତରେ ଘସିଲେ ରାସ୍ତାରୁ ପିଚୁ ଉଠିଯାଉଥିବା ଓ ରାସ୍ତା ମଝିରେ ଘାସ ଉଠିଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏତେ ନିମ୍ନମାନର କାର୍ଯ୍ୟକୁ ବିଭାଗୀୟ ଅଧିକାରୀମାନେ କିପରି ତଦାରଖ ବିନା ସମ୍ପୂର୍ଣ୍ଣ ବିଲ୍ ପାସ୍ କରିଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋକଙ୍କ କଷ୍ଟାର୍ଜିତ ଟିକସ ଅର୍ଥରେ ହେଉଥିବା କାମରେ ଏଭଳି ଅନିୟମିତତା କେବଳ ପ୍ରଶାସନିକ ବିଫଳତା ନୁହେଁ ବରଂ ଏଥିରେ ଦୁର୍ନୀତିର ଗନ୍ଧ ମଧ୍ୟ ବାରି ହେଉଛି। ଏ ନେଇ ଅଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୌଣସି ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ତଦନ୍ତକୁ ଇଚ୍ଛାକୃତ ଭାବେ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି।



ଅନ୍ୟପଟେ, ଏହି ଅନିୟମିତତାକୁ ସାମ୍ନାକୁ ଆଣିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଠିକାଦାରଙ୍କ ପକ୍ଷରୁ ଧମକ ଦିଆଯାଉଛି। ଆଦିବାସୀ ଅଞ୍ଚଳର ବିକାଶ ନାମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯଦି ସେହି ଅର୍ଥ ନିମ୍ନମାନର କାମ ଓ ଦୁର୍ନୀତିରେ ହଜିଯାଏ ତେବେ ବିକାଶର ନାରା କେବଳ କାଗଜକଲମରେ ସୀମିତ ରହିଯିବ ଏଥିରେ ସନ୍ଦେହ ନାହିଁ। ଏହି ଘଟଣା ଜିଲ୍ଲା ପ୍ରଶାସନର ଦାୟିତ୍ୱବୋଧ ଓ ସ୍ୱଚ୍ଛତା ଉପରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନ ଏହି ମାମଲାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛି ନା ଏହି ୭୧ ଲକ୍ଷ ଟଙ୍କାର ରାସ୍ତା ଦୁର୍ନୀତି ଫାଇଲର ନାଲିଫିତା ତଳେ ଚାପି ହୋଇ ରହିଯାଉଛି ତାହା ଦେଖିବାକୁ ବାକି ରହିଲା।

## ବିଶ୍ୱ ପରିବେଶ ଦିବସ ପାଳିତ




ଗଣିଆ,୫ ।୬(ସମିସ): କେନ୍ଦ୍ର ନାଳନ୍ଦା ଏଜୁକେସନ ହବ୍‌ର ୪୦ ଛାତ୍ରଛାତ୍ରୀଙ୍କୁ ନେଇ ବିଶ୍ୱ ପରିବେଶ ଦିବସ ସରକାରଙ୍କ ମୋ ଭାରତ ସଂସ୍ଥା ତରଫରୁ ପାଳିତ ହୋଇଛି। ମୋ ଭାରତ ଜାତୀୟ ସେବା ଯୋଜନାର ଯୁବ ସ୍ୱେଚ୍ଛାସେବୀ ବାପୁନ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ କାଳନ୍ଦୀ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ, ମହେନ୍ଦ୍ର ବାରିକୀ ଏବଂ ପୂର୍ବତନ ଜାତୀୟ ସ୍ୱେଚ୍ଛାସେବୀ ପ୍ରକାଶ ପରିଡ଼ାଙ୍କ ସହ ନାଳନ୍ଦା ଏଜୁକେସନ ହବ୍‌ର ମୁଖ୍ୟ ଅମରେଶ ସାହୁ, ଶିକ୍ଷୟିତ୍ରୀ ଜିନ୍ନୟୀ ପ୍ରତିହାରୀ ଓ ଅରୁନ୍ଧତୀ ମହାରଣା ଯୋଗଦେଇଥିଲେ। ଅତିଥିମାନେ ଚାରାରୋପଣ କରିଥିଲେ।

## ସାମ୍ବାଦିକ ଓ ତାଙ୍କ ପରିବାରକୁ ହତ୍ୟା ଧମକ

ଭାପୁର,୫ ।୬(ସମିସ): ଭାପୁର ବ୍ଲକରେ କାର୍ଯ୍ୟରତ ଜଣେ ସାମ୍ବାଦିକ ଓ ତାଙ୍କ ପରିବାରକୁ ହତ୍ୟା ଧମକ ଦିଆଯାଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। କରବର ପଞ୍ଚାୟତ ମାଣିତୀର ଗ୍ରାମର ସାମ୍ବାଦିକ କୁଳମଣି ଦାସ ଗାଁରେ ନ ଥିବା ସମୟରେ ତାଙ୍କ କୁକୁର ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ କୁକୁରକୁ କାମୁଡ଼ି ଦେଇଥିବା ଅଭିଯୋଗ କରି ଅନାମ ନାୟକ ନାମକ ଜଣେ ଯୁବକ ଗୁରୁବାର କଟୁରି ଧରି କୁଳମଣିଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। କୁଳମଣି ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳି କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଜୀବନରେ ମାରିଦେବାକୁ ଧମକ ଦେଇଥିବା କୁଳମଣିଙ୍କ ସ୍ତ୍ରୀ ମିରାଞ୍ଜଳି ଦାସ ଥାନାରେ ଅଭିଯୋଗ କରିଛନ୍ତି।

## ପୁରୁଣା ଘରେ ଛାତ ପକାଇବାକୁ ନେଇ ଅସନ୍ତୋଷ

● ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ

ଖଣ୍ଡପଡ଼ା,୫ ।୬(ସମିସ): ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ ମଙ୍ଗରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ପୁରାତନ ଘର ଉପରେ ଛାତ ପକାଇବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ସ୍ଥାନୀୟ ସରପଞ୍ଚ। ବିଦ୍ୟାଳୟ ପରିସରରେ ଥିବା ପ୍ରାୟ ୩୦ ବର୍ଷ ତଳର ଅର୍ଦ୍ଧନିର୍ମିତ ଗୃହ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଦୀର୍ଘବର୍ଷ ଧରି ଏହା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିବା ସତ୍ତ୍ୱେ ଏବେ ପୂର୍ଣ୍ଣାଙ୍ଗ କରିବାକୁ ବ୍ଲକ ପ୍ରଶାସନ ଉଦ୍ୟମ କରୁଛି। ଫଳରେ କାମର ସ୍ଥାୟିତ୍ୱ ନେଇ ସରପଞ୍ଚ ଦୀପାଞ୍ଜଳି ମହାନ୍ତି ପ୍ରଶ୍ନ ଉଠାଇବା ସହ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ ସହକାରୀ ଯନ୍ତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଅନୁଧ୍ୟାନ କରିବା ପରେ କାମ ଆରମ୍ଭ ହୋଇଥିବା ସେ କହିଛନ୍ତି। ପୁରାତନ ଗୃହ ହେଲେ ମଧ୍ୟ ଏହାର ମୂଳଦୁଆ ଦୃଢ଼ ଥିବାରୁ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଉଥିବା ବ୍ଲକ ପ୍ରଶାସନ କହିଛି। ଅନ୍ୟପକ୍ଷରେ ଉକ୍ତ ପୁରୁଣା ଫାଉଣ୍ଡେସନ ଓ କାନ୍ଥ ଉପରେ ଛାତ ନିର୍ମାଣ ହେଲେ ଏହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଭବିଷ୍ୟତରେ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ହେଇପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବାକୁ ସରପଞ୍ଚ ମହାନ୍ତି ଦାବି କରିଛନ୍ତି।

## ପଥପାର୍ଶ୍ୱ ଚାରାରୋପଣ କାର୍ଯ୍ୟକ୍ରମ

ଓଡ଼ଗାଁ,୫ ।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ଗାଁ ଏନ୍‌ଏସି ପକ୍ଷରୁ ସହରାଞ୍ଚଳର ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଥାନା ସମ୍ମୁଖ ରାସ୍ତାପାଶ୍ୱର୍ରେ ପୂର୍ବରୁ ପ୍ରସ୍ତୁତ କୁଣ୍ଡଗୁଡ଼ିକରେ ଚାରାରୋପଣ କରାଯାଇଛି। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଆଇଆଇସି ସତ୍ୟନାରାୟଣ ବାରିକ, ଏଏସ୍‌ଆଇ ଚକ୍ରଧର ସିଂହ ଓ ବନପାଳ ସରିତା ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଓଡ଼ଗାଁକୁ 'ସବୁଜ ସହର, ସୁନ୍ଦର ଓଡ଼ଗାଁ'ରେ ପରିଣତ କରିବା ପାଇଁ ଏନ୍‌ଏସି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀ ବର୍ଷାଋତୁରେ ବ୍ୟାପକ ଚାରାରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସହରର ସବୁଜିମା ବୃଦ୍ଧି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବେହେରା ପ୍ରକାଶ କରିଛନ୍ତି।

ସେହିଭଳି ଓଡ଼ଗାଁ ସିଭିଲ କୋର୍ଟ ପରିସରରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଡ଼ଗାଁ ଦେୱାନୀ (କନିଷ୍ଠ) ବିଚାରପତି ପ୍ରେରଣାଶ୍ରୀ ଦେଓ, ଓକିଲ ସଂଘ ସଭାପତି ସୁଶାନ୍ତ ମିଶ୍ର, ସମ୍ପାଦକ ଚିରଞ୍ଜୀବ ଦାଶ, ସରକାରୀ ଅଧିବକ୍ତା ମନୋଜ ପଟ୍ଟନାୟକ, ଓଡ଼ଗାଁ ବନାଞ୍ଚଳ ଅଧିକାରୀ ସରିତା ବରାଳ, ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଇନ୍ଦୁଭୂଷଣ ମିଶ୍ରଙ୍କ ସମେତ ଅନେକ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

■ କାଳବୈଶାଖୀ ତାଣ୍ଡବ

## ଉଡ଼ାଇନେଲା ଆଜବେଷ୍ଟସ, ଭାଙ୍ଗିଲା ଗଛ

ଗଣିଆ,୫ ।୬(ସମିସ): ଶୁକ୍ରବାର ଅପରାହ୍ନରେ ଗଣିଆରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ପବନ ସାଙ୍ଗକୁ ଘଡ଼ଘଡ଼ି ସହିତ ବର୍ଷା ହେବା ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ବିରାଟ ଗଛ ଭାଙ୍ଗି ପଡ଼ିଥିବା ବେଳେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। କିଶୋରପ୍ରସାଦରେ ଥିବା ଚୁଡ଼ା ମିଲ୍‌ର ଆଜବେଷ୍ଟସ ସମ୍ପୂର୍ଣ୍ଣ ଉଡ଼ିଯାଇଛି। କିଶୋରପ୍ରସାଦ ଅଙ୍ଗନବାଡ଼ି କେନ୍ଦ୍ର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଛତୁଆ କେନ୍ଦ୍ରର ଆଜବେଷ୍ଟସ ମଧ୍ୟ ଉଡ଼ିଯାଇଛି। ଫଳରେ ଉକ୍ତ ଛତୁଆ ନିର୍ମାଣ କେନ୍ଦ୍ରରେ ପାଣି ପଶି ଅନେକ କ୍ଷୟକ୍ଷତି ଘଟିଛି।



ଛତୁଆରେ ବ୍ୟବହୃତ ସାମଗ୍ରୀ ନଷ୍ଟ ହୋଇଛି। ଅନେକ ସ୍ଥାନରେ ଗଛ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡି ଥିବା ବେଳେ ବିଭାଗ ତରଫରୁ ମରାମତି କାର୍ଯ୍ୟ ଜାରି ରହିଛି। ଇନ୍ଦିପଟାରେ ଏକ ବିଶାଳ ବରଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଦମକଳ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ଗଛଗୁଡ଼ିକୁ କାଟି ରାସ୍ତା ସଫା କରୁଛନ୍ତି।

■ ପୌର ପରିଷଦରେ ଟେଣ୍ଡର ଫିକ୍ସିଂ ଘଟଣା

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ କଂଗ୍ରେସ ନେତା

ନୟାଗଡ଼,୫ ।୬(ସମିସ): ନୟାଗଡ଼ ପୌର ପରିଷଦରେ ଟେଣ୍ଡର ଫିକ୍ସିଂ ଘଟଣାରେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି କଂଗ୍ରେସ ନେତା ହୋସେନ ଖାନ। ନୟାଗଡ଼ ସହରରେ ଥିବା ଦୁଇ ପୋଖରୀ ଖନନ ପାଇଁ ପୌର ପରିଷଦରେ ବୁଧବାର ଟେଣ୍ଡର ଲଟେରୀ କରାଯାଇଥିଲା। ଲଟେରୀ ଉଠାଣ କାର୍ଯ୍ୟ ଖୋଦ୍ ପୌର ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଉପସ୍ଥିତ ଥିଲେ। କୌଣସି ଠିକାଦାର ଉପସ୍ଥିତ ନ ଥାଇ ମନଇଚ୍ଛା ଲଟେରୀ କରାଯିବାକୁ ନେଇ ଠିକାଦାରମାନେ ଗୁରୁବାର ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ପୌର ପରିଷଦ ପକ୍ଷରୁ ଗତ ମେ ୪ ତାରିଖ ବିଜ୍ଞପ୍ତି ନଂ ୧୧୭୭ ଅନୁସାରେ ଦିଆନବନ୍ଧ ଏବଂ ବେବର୍ତ୍ତାପଲ୍ଲୀ ପୋଖରୀ ପୁନରୁଦ୍ଧାର ଓ ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଦିଆନବନ୍ଧ ପାଇଁ ୭୮ ଲକ୍ଷ ୩୪ ହଜାର ୪୩୭ ଟଙ୍କା ଏବଂ ବେବର୍ତ୍ତାପଲ୍ଲୀ ପୋଖରୀ ପାଇଁ ୪୭ ଲକ୍ଷ ୭୦ ହଜାର ୯୮୩ ବ୍ୟୟ ବରାଦ କରାଯାଇଥିଲା। ଏହି ଦୁଇ କାର୍ଯ୍ୟ ପାଇଁ ୧୮ ରୁ ଉର୍ଦ୍ଧ୍ୱ 'ବି' ଶ୍ରେଣୀ ଠିକାଦାର ଆବେଦନ କରିଥିଲେ। ବୁଧବାର ପୌର ପରିଷଦରେ ବିଜ୍ଞପ୍ତି ନଂ ୧୦୭୮ ଅନୁସାରେ ୧୮ ଟି କାର୍ଯ୍ୟର ଲଟେରୀ ତଥା ଧର୍ମଗୁଳା ପାଇଁ 'ସି' ଓ 'ଡି' ଶ୍ରେଣୀ ଠିକାଦାରଙ୍କୁ ଡକାଯାଇଥିଲା। ଏହି କାର୍ଯ୍ୟର ଧର୍ମଗୁଳା ସମ୍ପାଦନ କରାଯାଇଥିଲା। କିନ୍ତୁ ବିଜ୍ଞପ୍ତି ସଂଖ୍ୟା ୧୦୭୮ର ଧର୍ମଗୁଳା କାର୍ଯ୍ୟ ସରିବା ପରେ ଅନେକ ଠିକାଦାର ପୌର କାର୍ଯ୍ୟାଳୟରୁ ଚାଲି ଯାଇଥିଲେ। ଏହାକୁ ସୁଯୋଗ ଭାବି ବିଜ୍ଞପ୍ତି ନଂ ୧୧୭୭ର ଧର୍ମଗୁଳା ପାଇଁ ହଠାତ୍ ଆୟୋଜନ କରାଯାଇଥିଲା। ଏହି ବିଜ୍ଞପ୍ତିରେ ଟେଣ୍ଡର ପକାଇଥିବା ଠିକାଦାରଙ୍କୁ ଏନେଇ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିବା ଏବଂ 'ବି' ଶ୍ରେଣୀ ଠିକାଦାରମାନେ ଉକ୍ତ ସ୍ଥାନରେ ଉପସ୍ଥିତ ନ ଥିବା ବେଳେ ହଠାତ୍ ଧର୍ମଗୁଳା କରାଯିବାକୁ ନେଇ ପ୍ରଶ୍ନ ଉଠିଛି। ଏହି ଟେଣ୍ଡର ଫିକ୍ସିଂ ଘଟଣାକୁ ନେଇ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି କଂଗ୍ରେସ ନେତା ହୋସେନ ଖାନ।

### ମହିଳାଙ୍କ ମୁଣ୍ଡକୁ ଛେଚି ହତ୍ୟା ଘଟଣା

# ଆର୍ଥିକ ଦେଣନେଣ ପାଇଁ ହତ୍ୟା, ଅଭିଯୁକ୍ତ ଗିରଫ

ଦଶପଲ୍ଲା,୫ ।୬(ସମିସ)

ଦଶପଲ୍ଲା ଘୋଳାହାଣ୍ଡି ଗ୍ରାମରେ ଜଣେ ମହିଳାଙ୍କୁ ବୀଭତ୍ସ ହତ୍ୟା ଘଟଣାରେ ଶୁକ୍ରବାର ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ଜୁଲୁ ବାରିକ। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏକ ରକ୍ତଭିଜା ପଥର ଜବତ କରାଯାଇଛି। ଏନେଇ ଦଶପଲ୍ଲା ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଏସଡିପିଓ ସୃଷ୍ଟି ପ୍ରଧାନ ଏବଂ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି।

ଘୋଳାହାଣ୍ଡି ଗ୍ରାମ ବ୍ରଜବିହାରୀ ମନ୍ଦିର ପଛ ପାଶ୍ୱର୍ ପରିତ୍ୟକ୍ତ ସ୍ଥାନରୁ ମହିଳାଙ୍କ ରକ୍ତାକ୍ତ ଶବ ଉଦ୍ଧାର କରାଯାଇଥିଲା। ମହିଳା ଜଣଙ୍କ ସେହି ଗ୍ରାମର ନିରୁପମା ସ୍ୱାଇଁ। ନିଜ ମାଆଙ୍କ ସହ ରହୁଥିବା ନିରୁପମା ଘଟଣା ପୂର୍ବ ସନ୍ଧ୍ୟାରେ କିଛି ଜିନିଷ କିଣିବା ପାଇଁ ଯାଇ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ଦଶପଲ୍ଲା ଥାନା ପୁଲିସ ଓ ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଏସଡିପିଓ ସୃଷ୍ଟି ପ୍ରଧାନ ଛାନଭିନ୍ କରିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଛାନଭିନ୍ କରିଥିଲେ। ବିଭିନ୍ନ ଦିଗରୁ ତଦନ୍ତ ପରେ ଆର୍ଥିକ କାରବାର ପାଇଁ ଜୁଲୁ ନିରୁପମାଙ୍କୁ ହତ୍ୟା କରିଥିବା ପୁଲିସ କହିଛି। ପୁଲିସ ସୂଚନା ଅନୁଯାୟୀ, ନିରୁପମାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ହତ୍ୟା କରାଯାଇଥିଲା।



ପ୍ରମାଣ ନଷ୍ଟ ପାଇଁ ପଥର ଲୁଚାଯିବା ସହ ନିରୁପମାଙ୍କ ମୃତଦେହ ଘୋଷାରି ଘୋଷାରି ନେଇ ପରିତ୍ୟକ୍ତ ସ୍ଥାନରେ ଫିଙ୍ଗାଯାଇଥିଲା। ୨୪ ଘଣ୍ଟା ମଧ୍ୟରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଆଜି ସିନ୍ ରିକ୍ରିଏସନ୍ କରାଇଛି।

## ନବବଧୂ ହତ୍ୟାକାଣ୍ଡ, ସ୍ୱାମୀ ଗିରଫ

ଓଡ଼ଗାଁ,୫ ।୬(ସମିସ): ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରୁମବାଙ୍କତରା ଗ୍ରାମରେ ନବବଧୂ ଶୁଭଶ୍ରୀ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୁଲିସ ତାଙ୍କ ସ୍ୱାମୀ ଦୀପକ କୁମାର ମହାପାତ୍ରଙ୍କୁ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ପଠାଇ ଦିଆଯାଇଛି। ଶୁଭଶ୍ରୀଙ୍କ ସହ ତାଙ୍କ ଶଶୁର ଓ ଦିଅରଙ୍କ ଅନୈତିକ ସମ୍ପର୍କ ଥିବା ଦୀପକ ସନ୍ଦେହ କରୁଥିଲେ। ଏହି ସନ୍ଦେହକୁ ନେଇ ଦମ୍ପତିଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅଶାନ୍ତି ଲାଗି ରହିଥିଲା। ଘଟଣା ପୂର୍ବଦିନ ଉଭୟଙ୍କ ମଧ୍ୟରେ ତୀବ୍ର ବଚସା ହୋଇଥିଲା। ମାତ୍ର ୨ ମାସ ୨୫ ଦିନ ପୂର୍ବରୁ ବିବାହ ହୋଇଥିବା ଏହି ଦମ୍ପତିଙ୍କ ସମ୍ପର୍କରେ ଏପରି ଦୁଃଖଦ ପରିଣତି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘରେ ସିସିଟିଭି ଲଗାଯାଇଥିଲେ ମଧ୍ୟ ସନ୍ଦେହକୁ ସମର୍ଥନ କରିବା ଭଳି କୌଣସି ପ୍ରମାଣ ମିଳି ନ ଥିଲା। ଘଟଣା ଦିନ ସକାଳେ ଶୁଭଶ୍ରୀ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଦୀବକ ଦାବି କରିଥିଲେ। ପାରିପାଶ୍ୱର୍ିକ ପରିସ୍ଥିତି ଆଧାରରେ ପୁଲିସ ସନ୍ଦେହ କରୁଛି ଯେ ଶୁଭଶ୍ରୀଙ୍କୁ ପ୍ରଥମେ ହତ୍ୟା କରାଯାଇ ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଫ୍ୟାନରେ ଝୁଲାଇ ଦିଆଯାଇଥିଲା। ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।



